# NATIONAL NEWS BULLETIN (ODIA)
## 20th August - 2026
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦିଲ୍ଲୀରେ ପ୍ରତିବାଦକାରୀ ଛାତ୍ର ଏବଂ ପୁଲିସ ମଧ୍ୟରେ ହିଂସାତ୍ମକ ଘଟଣାର ଯାଞ୍ଚପାଇଁ ପାଞ୍ଚଜଣିଆ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କଲେ ସୁପ୍ରିମ୍‌କୋର୍ଟ ।
- ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ବୈଠକ ନାଗରିକକୈନ୍ଦ୍ରିକ ବିକାଶକୁ ତ୍ୱରାନ୍ୱିତ କରିବ; କହିଲେ ପ୍ରଧାନମନ୍ତ୍ରୀ ।
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩୧ତମ ଦକ୍ଷିଣ ଜୋନାଲ୍ ପରିଷଦ ବୈଠକ ଅନୁଷ୍ଠିତ ।
- ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ବି.ଏନ୍.ପି. ନେତା ମିର୍ଜା ଫକରୁଲ୍ ଇସ୍‌ଲାମ ଆଲମ୍‌ଗିର ।

ଏବଂ

- ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱକପ୍ ପ୍ରତିଯୋଗିତାର ପୁରୁଷ ଏକକ ବର୍ଗରେ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପରାସ୍ତ ହେଲେ ଆୟୁଷ ସେଟ୍ଟି ।

## ଏସ୍.ସି. - ନୀଟ୍ ପ୍ରୋଟେଷ୍ଟ ପ୍ୟାନେଲ୍

ଦିଲ୍ଲୀରେ ସାମ୍ପ୍ରତିକ ପ୍ରତିବାଦକାରୀ ଛାତ୍ର ଏବଂ ପୁଲିସ ମଧ୍ୟରେ ହିଂସାତ୍ମକ ଘଟଣା ଅଭିଯୋଗର ଯାଞ୍ଚ୍‌ପାଇଁ ଏକ ୫ ଜଣିଆ ଉଚ୍ଚ କ୍ଷମତାସମ୍ପନ୍ନ ତଦନ୍ତ କମିଟି ସୁପ୍ରିମ୍‌କୋର୍ଟ ଗଠନ କରିଛନ୍ତି । ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଆର୍. ସୁବାସ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏହି କମିଟି ଗଠନ କରିବା ସହ ଅନ୍ୟ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି । ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ରବିଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସାଲିନ୍ଦର କୌର, ସି.ବି.ଆଇ.ର ପୂର୍ବତନ ନିର୍ଦ୍ଦେଶକ ଋଷିକୁମାର ଶୁକ୍ଲା ଏବଂ ମେଘାଳୟର ଅବସରପ୍ରାପ୍ତ ପୁଲିସ ମହାନିର୍ଦ୍ଦେଶକ ଏଲ୍.ଆର୍. ବିଷ୍ଣୋଇ କମିଟିର ସଦସ୍ୟ ଭାବେ ରହିବେ । ଖଣ୍ଡପୀଠ କହିଛନ୍ତି, ବହୁ ବିଚାରବିମର୍ଶ ପରେ ଏହି କମିଟି ଗଠନ କରାଯାଇଛି । ପ୍ରସଙ୍ଗଗୁଡ଼ିକର ଯାଞ୍ଚ୍ କରିବା ସହ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି । ମହିଳା ପ୍ରତିବାଦକାରୀଙ୍କ

ଉପରେ ହୋଇଥିବା ହିଂସାତ୍ମକ କାର୍ଯ୍ୟ ସଂକ୍ରାନ୍ତ ଅଭିଯୋଗକୁ  ପ୍ରାଥମିକତାର ସହ ଯାଞ୍ଚ୍ କରିବାକୁ ଖଣ୍ଡପୀଠ କହିଛନ୍ତି । ସୂଚନାଯୋଗ୍ୟ, ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଦିଲ୍ଲୀରେ ଗତମାସ ୨୦ ତାରିଖରେ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ହିଂସାତ୍ମକ ଘଟଣା ନେଇ ଉଭୟ ପ୍ରତିବାଦକାରୀ ଏବଂ ପୁଲିସ ଅଭିଯୋଗ କରିଛନ୍ତି । ପୃଥକ୍ ପୃଥକ୍ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ନିଷ୍ପତ୍ତି ନେଇଛନ୍ତି ।

## ପି.ଏମ୍. - ଭୂପିନ୍ଦର ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ବୈଠକ ନାଗରିକକୈନ୍ଦ୍ରିକ ଜଳବାୟୁ କାର୍ଯ୍ୟକଳାପ ମାଧ୍ୟମରେ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ଏକ ଆଲେଖ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନିର୍ଗମନ ତୀବ୍ରତା ହ୍ରାସ ଏବଂ ଅଣୁ ଜୀବାଶ୍ମ ଶକ୍ତି କ୍ଷମତା ବ୍ୟାପକ କରିବା ମାଧ୍ୟମରେ ଭାରତର ପ୍ରଗତି’ ନିରନ୍ତର ଏବଂ ସବୁଜ ଆଭିମୁଖ୍ୟକୁ ସୁଦୃଢ଼ କରୁଛି । ନିରନ୍ତର ଜୀବନଶୈଳୀ, ବନୀକରଣ, ପୁନଃ କାର୍ଯ୍ୟକାରୀଯୋଗ୍ୟ ଅର୍ଥନୀତି, ସମ୍ପ୍ରଦାୟ ଆଧାରିତ ପଦକ୍ଷେପ ଉପରେ ସରକାର ଧ୍ୟାନ କେନ୍ଦ୍ରିଭୂତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ବୈଠକରେ ଭବିଷ୍ୟତ ରୂପରେଖ ନେଇ ଗ୍ରହଣ

କରାଯାଇଥିବା ନିଷ୍ପତ୍ତି ଉପରେ ମନ୍ତ୍ରୀ ଶ୍ରୀ ଯାଦବ ତାଙ୍କ ଆଲେଖ୍ୟରେ ବର୍ଣ୍ଣନା କରିଛନ୍ତି ।

## ଟି.ଏନ୍. - ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ୩୧ତମ ଦକ୍ଷିଣ ଜୋନାଲ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ତାମିଲନାଡୁର ଚେନ୍ନାଇ ନିକଟବର୍ତ୍ତୀ ମହାବଳିପୁରମ୍‌ଠାରେ ଅନୁଷ୍ଠିତ ବୈଠକରେ ଦକ୍ଷିଣାଞ୍ଚଳ ରାଜ୍ୟଗୁଡ଼ିକର ଶୀର୍ଷ ନେତୃତ୍ୱ ତଥା ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଆନ୍ତଃରାଜ୍ୟ ବିବାଦ, ସୁରକ୍ଷା ଏବଂ ବିକାଶ ପ୍ରସଙ୍ଗରେ ମତ ବିନିମୟ ହୋଇଛି । ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋଶେଫ ବିଜୟ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, କେରଳମ୍ ମୁଖ୍ୟମନ୍ତ୍ରୀ ଭି.ଡି. ଶତୀଶନ, ତେଲେଙ୍ଗାନା ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭାଟି ବିକ୍ରମାର୍କ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ପୁଡୁଚେରୀ ଉପରାଜ୍ୟପାଳ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଉପରାଜ୍ୟପାଳ, ଲାକ୍ଷାଦ୍ୱୀପର ପ୍ରଶାସକ ଏବଂ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ପଦାଧିକାରୀ ବୈଠକରେ ଯୋଗ ଦେଇଥିଲେ । ଉକ୍ତଦ୍ୱାର ବୈଠକରେ ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଏହାର ସମାଧାନର ପନ୍ଥା ନିର୍ଣ୍ଣୟ କରିବା ନେଇ ଆଲୋଚନା ହୋଇଛି ।

ସ୍ୱାସ୍ଥ୍ୟସେବା ପାଣ୍ଠି, ଭିତ୍ତିଭୂମି ବିକାଶ, ପରିବେଶ ଏବଂ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ସଂଘୀୟ ସହଯୋଗିତା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ସେଲ୍ - ମାଇନ୍ସ ମିନେରାଲ୍ସ ଆମେଣ୍ଡମେଣ୍ଟ

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍-ସେଲ୍ ଖଣି ଏବଂ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ-୨୦୨୬କୁ ସ୍ୱାଗତ କରିଛି । ଗତ ୧୭ ତାରିଖରେ କେନ୍ଦ୍ର ସରକାର ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରିଛନ୍ତି । ଖଣିଜ କ୍ଷେତ୍ରରେ ଆକଳନଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଏବଂ ଦୀର୍ଘକାଳୀନ ନୀତିଗତ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଏହି ସଂଶୋଧିତ ଆଇନ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେଲ୍ ପକ୍ଷରୁ କୁହାଯାଇଛି । ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସଂସ୍କାର ନିବେଶ ଏବଂ ଉତ୍ପାଦନ କ୍ଷେତ୍ରକୁ ଅଧିକ ଉତ୍ସାହିତ କରିବ । ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବା ସହ ଖଣିଜ ଏବଂ ଶକ୍ତି ସୁରକ୍ଷା କ୍ଷେତ୍ର ଅଧିକ ସଶକ୍ତ ହେବ । ଖଣିଜଭିତ୍ତିକ ଶିଳ୍ପଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

# ବାଂଲାଦେଶ - ପ୍ରେଜ୍ ପୋଲିଂ

ବାଂଲାଦେଶର ୨୩ତମ ରାଷ୍ଟ୍ରପତି ଭାବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି-ବି.ଏନ୍.ପି. ନେତା ମିର୍ଜା ଫକରୁଲ୍ ଇସ୍‌ଲାମ୍ ଆଲମ୍‌ଗିର ନିର୍ବାଚିତ ହୋଇଛନ୍ତି । ଆଜି ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ୭୮ ବର୍ଷୀୟ ଆଲମ୍‌ଗିରି ୨୫୫ ଖଣ୍ଡ ଭୋଟ୍ ପାଇଥିଲେ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣପନ୍ଥୀ ବାଂଲାଦେଶ ଜମାତ୍-ଏ-ଇସ୍‌ଲାମୀ ଏବଂ ନ୍ୟାସନାଲ୍ ସିଟିଜେନ୍ ପାର୍ଟି ସମର୍ଥିତ ପୂର୍ବତନ ସେନା ଅଧିକାରୀ ଓଲି ଅହମ୍ମଦଙ୍କୁ ପରାସ୍ତ କରିଛନ୍ତି । ଶ୍ରୀ ଅହମ୍ମଦ ୮୮ ଖଣ୍ଡ ଭୋଟ୍ ପାଇଥିଲେ । ମୁଖ୍ୟ ନିର୍ବାଚନ କମିଶନର ଏ.ଏସ୍.ଏମ୍. ନାସିର ଉଦ୍ଦିନ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନିର୍ବାଚନରେ ସଂସଦର ମୋଟ ୩୪୩ ଜଣ ସଦସ୍ୟ ଭୋଟ୍ ଦେଇଥିଲେ । ୩୫ ବର୍ଷ ମଧ୍ୟରେ ପ୍ରଥମ ଥରପାଇଁ ରାଷ୍ଟ୍ରପତି ନିର୍ବାଚନରେ ଏକାଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବଙ୍ଗଭବନ ଦରବାର ହଲ୍‌ଠାରେ ଶ୍ରୀ ଆଲମ୍‌ଗିର ଆସନ୍ତାକାଲି ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ ।

# ଉତ୍ତରାଖଣ୍ଡ-ଆଇ.ଏ.ଏସ୍. ଟ୍ରେନିଂ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ଦେଶର ବିକାଶରେ ନାଗରିକ ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୃଣମୂଳ ସ୍ତରରେ ଏହି ନୀତି କାର୍ଯ୍ୟକାରୀ ହେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଉତ୍ତରାଖଣ୍ଡର ମସୁରୀସ୍ଥିତ ଲାଲ୍‌ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶସନିକ ଏକାଡେମୀରେ ୨୦୨୪ ବ୍ୟାଚ୍ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଉଦ୍‌ଯାପନୀ ସମାବେଶରେ ଯୋଗଦେଇ ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଚରିତ୍ର ଏବଂ ସଚ୍ଚୋଟତା ହେଉଛି ଜନସେବାର ଭିତ୍ତିଭୂମି । ଯୁବ ପ୍ରଶାସନିକ ଅଧିକାରୀଙ୍କୁ ଜନସେବା ପ୍ରତି ସମର୍ପିତ ରହିବାକୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ସମାଲୋଚନାଦ୍ୱାରା ବିଚଳିତ ନ ହୋଇ କାର୍ଯ୍ୟ ଏବଂ ନିଷ୍ପତ୍ତି ଉପରେ ଧ୍ୟାନ କେନ୍ଦ୍ରଭୂତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସମାଜ କଲ୍ୟାଣପାଇଁ ନିଷ୍ପତ୍ତି ଗ୍ରହଣ କରିବା ଏବଂ ସାଧାରଣ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ କରିବା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଏହି ସମାରୋହରେ ରାଜ୍ୟପାଳ ଗୁରୁମିତ ସିଂହ ଯୋଗଦେଇ 'ରାଷ୍ଟ୍ର ପ୍ରଥମ' ଭାବନାକୁ ପ୍ରତ୍ୟେକ ନିଷ୍ପତ୍ତିରେ ପ୍ରାଥମିକତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି ।

# ଝାଡ଼ଖଣ୍ଡ - ଏଚ୍.ସି.

ଝାଡ଼ଖଣ୍ଡ ଲୋକସେବା ଆୟୋଗ - ଜେ.ପି.ଏସ୍.ସି.ର ଏକାଦଶରୁ ତ୍ରୟୋଦଶ ସଂସ୍କରଣ ପରୀକ୍ଷା ବାତିଲ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ଝାଡ଼ଖଣ୍ଡ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ବିଚାରପତି ଜଷ୍ଟିସ ଦୀପକ ରୋଶନ୍ଙ୍କ ଜଣିକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ପରୀକ୍ଷା ଏବଂ ନିଯୁକ୍ତି ବାତିଲ୍ ସଂକ୍ରାନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ବିରୋଧରେ ଆଗତ ୩ଟି ପୃଥକ୍ ପୃଥକ୍ ଆବେଦନର ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ମନୋନୀତ ପ୍ରାର୍ଥୀଙ୍କୁ ପୁନଃ କାର୍ଯ୍ୟରେ ଅବସ୍ଥାପିତ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଉପଯୁକ୍ତ ପ୍ରକ୍ରିୟା ଏବଂ ନୀତି ଅନୁସରଣ ନ କରି ମନୋନୀତ ପ୍ରାର୍ଥୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇପାରିବ ନାହିଁ ଦୃଷ୍ଟିକୋଣ ଆଧାରରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ମାମଲାଗୁଡ଼ିକରେ ପକ୍ଷ ରଖିବାକୁ କୋର୍ଟ ରାଜ୍ୟ ସରକାର ଏବଂ ଜେ.ପି.ଏସ୍.ସି.କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୧୫ ତାରିଖକୁ ଧାର୍ଯ୍ୟ ହୋଇଛି । ସୂଚନାଯୋଗ୍ୟ, ଏହି ପରୀକ୍ଷାଗୁଡ଼ିକ ମାଧ୍ୟମରେ ମନୋନୀତ ହୋଇଥିବା ୩୪୨ ଜଣ ପ୍ରାର୍ଥୀ କାର୍ଯ୍ୟ କରୁଛନ୍ତି । ସରକାର ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ୨୨ଟି ପରୀକ୍ଷାକୁ

ବାତିଲ କରିଥିବାବେଳେ ୬ଟିର ପ୍ରକ୍ରିୟାକୁ ସ୍ଥଗିତ ଏବଂ ୧୭ଟିକୁ ତଦନ୍ତ ପରିସରଭୁକ୍ତ କରିଛନ୍ତି ।

## ଗ୍ରୀନ୍ ହାଇଡ୍ରୋଜେନ ଷ୍ଟେସନ୍

ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଦେଶରେ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ କାର୍ଯ୍ୟକାରୀ ହେଉଛି । ଏକ୍ଷେତ୍ରରେ ଏକ ଶକ୍ତିଶାଳୀ ଘରୋଇ ଇକୋ-ସିଷ୍ଟମ୍ ସୃଷ୍ଟି କରିବା ଏବଂ ହାଇଡ୍ରୋଜେନ ଉତ୍ପାଦନ, ବ୍ୟବହାର ଓ ରପ୍ତାନୀରେ ଭାରତକୁ ଏକ ବିଶ୍ୱ କେନ୍ଦ୍ର ଭାବେ ସ୍ଥାନିତ କରିବା ଲକ୍ଷ୍ୟରେ ଏହି ମିଶନ କାର୍ଯ୍ୟକାରୀ ହେଉଛି । ୨୦୨୩ ଜାନୁୟାରୀ ମାସରେ କେନ୍ଦ୍ର କ୍ୟାବିନେଟ୍‌ଦ୍ୱାରା ଅନୁମୋଦିତ ଏହି ମିଶନ ଆସନ୍ତା ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୯ ହଜାର ୭୪୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଉତ୍ତର ପ୍ରଦେଶର ଗ୍ରେଟର୍ ନଏଡ଼ାରେ ପ୍ରତିଷ୍ଠିତ ହୋଇଥିବା ଏନ୍.ଟି.ପି.ସି. ସବୁଜ ହାଇଡ୍ରୋଜେନ ମୋବିଲିଟି ଷ୍ଟେସନ୍ ଏକ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରୁଛି । ପରିବହନ କ୍ଷେତ୍ରପାଇଁ ଏକ ସ୍ୱଚ୍ଛ, ଦକ୍ଷ ଓ ସ୍ଥାୟୀ ଇନ୍ଧନ ଭାବରେ ସବୁଜ ହାଇଡ୍ରୋଜେନର ବ୍ୟବହାରକୁ ଏହା ପ୍ରତିଫଳିତ କରୁଛି ।  ଆକାଶବାଣୀ ସମ୍ବାଦ ବିଭାଗ ସହ ସାକ୍ଷାତ୍‌କାର ଦେଇ ଏନ୍.ଟି.ପି.ସି. ନବୀକରଣୀୟ ଶକ୍ତି ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଡି.ଏମ୍.ଆର୍. ପଣ୍ଡା କହିଛନ୍ତି, ବର୍ତ୍ତମାନ ୫ଟି ହାଇଡ୍ରୋଜନ ଚାଳିତ ବସ୍‌ରେ ଏହି ଇନ୍ଧନ ବ୍ୟବହାର କରାଯାଉଛି । ପ୍ରତ୍ୟେକ ଥର ଇନ୍ଧନ ପୂରଣ ପରେ ବସ୍‌ଟି ୭୨୦ କିଲୋମିଟର ଦୂରତ୍ୱ ପର୍ଯ୍ୟନ୍ତ ଯାତ୍ରା କରିପାରୁଛି । ଭବିଷ୍ୟତରେ ଡିଜେଲ୍ ଏବଂ ପେଟ୍ରୋଲ୍ ଅପେକ୍ଷା ହାଇଡ୍ରୋଜନ ଇନ୍ଧନ ଅଧିକ ଶସ୍ତା ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ବି.ଡବ୍ଲ୍ୟୁ.ଏଫ୍. - ଡବ୍ଲୁ.ସି.

ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ କପ୍ ପ୍ରତିଯୋଗିତାର ପୁରୁଷ ଏକକ ବର୍ଗରେ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆୟୁଷ ସେଟ୍ଟି’ ଇଣ୍ଡୋନେସିଆର ଅଲ୍‌ୱି ଫରହାନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି । ୧୯-୨୧ ଏବଂ ୧୧-୨୧ ସେଟ୍‌ରେ ସେଟ୍ଟି ହାରି ଯାଇଛନ୍ତି ।

ମହିଳା ଡବଲ୍‌ସ୍‌ରେ ଭାରତୀୟ ଯୋଡ଼ି ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଖେଳାଯାଇଥିବା ପ୍ରି କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍‌ରେ ଏହି ଭାରତୀୟ ଯୋଡ଼ି ଜାପାନ ଯୋଡ଼ିକୁ ୨୧-୧୬, ଏବଂ ୨୧-୧୨ ପଏଣ୍ଟରେ ପରାସ୍ତ କରିଛନ୍ତି ।

ମହିଳା ଏକକ ବର୍ଗରେ ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଚୀନ୍‌ର ୱାଙ୍ଗ ଝି ଇଙ୍କ ସହ ଜାରି ରହିଛି । ପୁରୁଷ

ଯୋଡ଼ିରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମାଲେସିଆ ପ୍ରତିପକ୍ଷଙ୍କୁ ଭେଟିବେ ।

*****